ଆଇଏନ୍‌ଏସ୍ ଚିଲିକାରେ ଅଗ୍ନିବୀର ପାସିଂ ଆଉଟ୍ ପରେଡ୍

ବାଲୁଗାଁ(ଅମୃତ ମିଡିଆ): ଆଇଏନ୍‌ଏସ୍ ଚିଲିକା ପରେଡ଼ ଗ୍ରାଉଣ୍ଡଠାରେ ଆନୁଷ୍ଠାନିକ ଭାବେ ୨୦୨୬ ସଂସ୍କରଣର ପ୍ରଥମ ବ୍ୟାଚ୍ ଅଗ୍ନିବୀର ପାସିଂ ଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟାଚ୍‌ରେ ୩୦୧୨ ଜଣ ଅଗ୍ନିବୀରଙ୍କ ମଧ୍ୟରେ ୧୧୬ ଜଣ ମହିଳା ଅଗ୍ନିବୀର (୨୧୯୨ ଜଣ ଏସ୍‌ଏସ୍‌ଆର ଓ ୫୫୪ ଜଣ ଏମ୍‌ଆର) ଏବଂ ୨୬୫ ଜଣ ତଟରକ୍ଷୀ ନାବିକ ଦୀର୍ଘ ୧୬ ସପ୍ତାହ ଧରି ଶାରୀରିକ ଓ ମାନସିକ ପ୍ରଶିକ୍ଷଣ ନେଇଥିଲେ । ସଫଳତାର ସହ ଦକ୍ଷ ଭାବେ ଦେଶ ସେବା ପାଇଁ ଭାରତୀୟ ନୌସେନାରେ ନୂତନ ଯାତ୍ରା ଆରମ୍ଭ ହୋଇଛି । ଯେଉଁଥିରେ ଏହି ଅଗ୍ନିବୀରଙ୍କ ଅବଦାନ ଅତୁଳନୀୟ ରହିବ ବୋଲି ଆଇଏନ୍‌ଏସ୍ ଚିଲିକା ନୌସେନା କମାଣ୍ଡର ବି ଦୀପକ ଅନୀଲ ପ୍ରକାଶ

କରିଥିଲେ । ଏହି ଅବସରରେ ସେ ଅଗ୍ନିବୀରଙ୍କ ପିତାମାତା, ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି । କମାଣ୍ଡର ଅନୀଲଙ୍କ ତତ୍ତ୍ୱାବଧାନରେ କମାଣ୍ଡିଙ୍ଗ-ଇନ-ମୁଖ୍ୟ ପଶ୍ଚିମ ନୌସେନା କମାଣ୍ଡର ଭାଇସ ଆଡ଼ମିରାଲ ସଞ୍ଜୟ ଭାଟସାୟନ୍, ପିଭିଏସ୍ଏମ୍, ଏଭିଏସ୍ଏମ, ଏନ୍ଏମ୍, ଫ୍ଲାଗ୍ ଅଫିସର ଉକ୍ତ ପରେଡକୁ ନୀରିକ୍ଷଣ କରିବାସହ ପରିଚାଳନା କରିଥିଲେ । ଅନୁଷ୍ଠିତ ସମାରୋହରେ ସମସ୍ତ ତାଲିମପ୍ରାପ୍ତ ଅଗ୍ନିବୀର ପରେଡ଼ ଗ୍ରାଉଣ୍ଡରେ ଚିତ୍ତାକର୍ଷକ କଳା କୌଶଳ ପ୍ରଦର୍ଶନ କରିଥିଲେ । ଉକ୍ତ ପରେଡ ସମାରୋହରେ ଉଚ୍ଚ ପଦସ୍ଥ ନୌସେନା ଅଧିକାରୀ, ପୂର୍ବ କମାଣ ପତାକା ଅଧିକାରୀ, ପୂର୍ବତନ ନୌସେନା ଅଧିକାରୀ, ଅଗ୍ନିବୀରଙ୍କ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ । ଆଇଏନ୍‌ଏସ୍ ଚିଲିକାରେ ୧୬ ସପ୍ତାହର ସଫଳ ପ୍ରଶିକ୍ଷଣ ଶେଷ ନୁହେଁ ବରଂ ଭାରତୀୟ ନୌସେନାର ଏକ ନୂତନ ଯାତ୍ରା ଆରମ୍ଭ ବୋଲି ନୌସେନାର ବରିଷ୍ଠ ଅଧିକାରୀମାନେ ମତ ଦେଇଥିଲେ । ଦେଶ ସେବା ସହ ନୌସେନାର ମୂଳ ମୂଲ୍ୟବୋଧ, କାର୍ଯ୍ୟ ଦକ୍ଷତା ଏବଂ ସାହସକୁ ଅଗ୍ନିବୀରମାନେ ସମର୍ଥନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କୃତୀ ଅଗ୍ନିବୀରଙ୍କୁ ମୁଖ୍ୟ ଅତିଥି ପଦକ ଏବଂ ଟ୍ରଫି ପ୍ରଦାନ କରିଥିଲେ । ଶ୍ରେଷ୍ଠ ଅଗ୍ନିବୀର ଏସ୍‌ଏସ୍‌ଆର କୋରନାନା ଧନଲକ୍ଷ୍ମୀ, ଏମ୍‌ଆର ରୁଦ୍ରିକେଶ ମାରୁତି ପାୱାର, ନାବିକ ଜିଡି, ଶ୍ରେଷ୍ଠ ମହିଳା ଅଗ୍ନିବୀର ବିପିନ ରାଉତ ଟ୍ରଫି ରମେଶ ଚୌହାନଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଫ୍ଲାଗ୍ ଅଫିସର କମାଣ୍ଡିଂ ଇନ୍-ମୁଖ୍ୟ ଏବଂ କମାଣ୍ଡର ବି ଦୀପକ ଅନୀଲ, ଭିଏସ୍ଏମ୍, କମାଣ୍ଡିଂ ଅଫିସର, ଆଇଏନ୍‌ଏସ୍ ଚିଲିକାଙ୍କ ଉପସ୍ଥିତିରେ ଅଙ୍କୁର ୧/୨୬ ସଂସ୍କରଣ ଆଇଏନ୍‌ଏସ୍ ଚିଲିକା ଦ୍ୱିଭାଷୀ ପ୍ରଶିକ୍ଷକଙ୍କ ପତ୍ରିକା ଉନ୍ମୋଚନ କରାଯାଇଥିଲା । ସୂଚନା ଥାଉକି ହଜାର ହଜାର ଅଗ୍ନିବୀର ଚିଲିକାରେ ପ୍ରାରମ୍ଭିକ ତାଲିମ ନେଇସାରିଲେଣି । ଅଦ୍ୟାବଧି ସାତଟି ବ୍ୟାଚ୍ ଭାରତୀୟ ନୌସେନାରେ ବୀର ସିପାହୀ ଭାବେ ନିୟୋଜିତ ରହିଛନ୍ତି ।

ବଜ୍ରପାତରେ ୨୦ ଛେଳିମେଣ୍ଢା ମୃତ

ପାତ୍ରପୁର(ଅମୃତ ମିଡିଆ): ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜିଲୁଣ୍ଡା ନିକଟସ୍ଥ ପାହାଡ ଅଞ୍ଚଳର ଏକ ଜମିରେ ଶୁକ୍ରବାର ବଜ୍ରପାତରେ ଗୋଟିଏ ଛେଳି ଓ ୧୯ ମେଣ୍ଢାଙ୍କ ମୃତ୍ୟୁ ହୋଇଛି । ଲଙ୍କା ଗ୍ରାମର ୫ ଜଣ ଲୋକ ଅପରାହ୍ନରେ ଜିଲୁଣ୍ଡା ପାହାଡ଼ ପାଦଦେଶରେ ଥିବା ବିଲକୁ ଛେଳି ଓ ମେଣ୍ଢାପଲ ଚରାଇବାକୁ ନେଇଥିଲେ । ଏହି ସମୟରେ ମେଘପବନ ଆସିବା ସହ ବଜ୍ରପାତ ଆରମ୍ଭ ହୋଇଯାଇଥିଲା । ବଜ୍ରପାତରେ ୨୦ ଛେଳିମେଣ୍ଢା ମରି ଯାଇଥିଲେ । ଲଙ୍କା ଗ୍ରାମର ଜି. ଗୋପୀନାଥଙ୍କ ଗୋଟିଏ ଛେଳି, ୪ ମେଣ୍ଢା, ଜି. କୁରେୟାଙ୍କ ୫ ମେଣ୍ଢା, ଡି. ଆରେୟାଙ୍କ ୫ ମେଣ୍ଢା, ଜି. ଲାଛମାୟାଙ୍କ ୪ ମେଣ୍ଢା ଓ ଜି. ଜନାର୍ଦ୍ଦନଙ୍କ ଗୋଟିଏ ମେଣ୍ଢା ମରିଥିବା ଜଣାପଡିଛି । ଖବରପାଇ ଅତିରିକ୍ତ ପ୍ରାଣୀ ଚିକିତ୍ସକ ସସ୍ମିତା ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଛେଳିମେଣ୍ଢାପାଳକ ମାନେ ଗରୀବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି ।

୧୭ ଡ୍ରମ୍ ମଦ ପୋଚ ନଷ୍ଟକଲେ ଗ୍ରାମବାସୀ

ନନ୍ଦପୁର(ଅମୃତ ମିଡିଆ): କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ଲମତାପୁଟ ବ୍ଲକ ବନମାଳିପୁଟ ପଞ୍ଚାୟତ ଭିମାରିପୁଟ ଗ୍ରାମବାସୀ ଲୁଚାଇ ରଖାଯାଇଥିବା ୧୭ ଡ୍ରମ୍ ମଦ ପୋଚ ନଷ୍ଟ କରିଥିବା ଦେଖିବାକୁ ମିଳିଛି । କିଛିଦିନ ତଳେ ପୋଲିସ ଓ ଅବକାରୀ ଦଳ ମିଳିତ ଚଢ଼ାଉ କରି ୩ ମଦ ଭାଟି ନଷ୍ଟ କରିଥିଲେ । ଏହାକୁ ପୁଣି କାର୍ଯ୍ୟକ୍ଷମ କରି ଦେଶୀ ମଦ ରନ୍ଧା ହେଉଥିବା ଗ୍ରାମବାସୀ ଜିଲା ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀ, ନନ୍ଦପୁର ଅବକାରୀ ନିରୀକ୍ଷକ, ଓଆଇସି, ନନ୍ଦପୁର ଏସ୍‌ଡିପିଓ ଏବଂ ଥାନାଧିକାରୀଙ୍କୁ ସୂଚନା ଦେଇଥିଲେ । ଗୁରୁବାର ପୋଲିସ ଓ ଅବକାରୀ ଟିମ୍ ଭାଟିରେ ଚଢ଼ାଉ କରିଥିଲେ । ଉକ୍ତ ସ୍ଥାନରେ ମଦ ଭାଟି ନ ଥିବା ଓ କେବଳ କିଛି ଖାଲି ପ୍ଲାଷ୍ଟିକ ଡ୍ରମ ଥିବା ଉପରିସ୍ଥ ଅଧିକାରୀଙ୍କୁ ଦର୍ଶାଇଥିଲେ । ଶୁକ୍ରବାର ସକାଳୁ ଗ୍ରାମବାସୀ ମିଳିତ ଭାବେ ଭାଟିସ୍ଥଳ ପାର୍ଶ୍ୱ ଅଞ୍ଚଳରେ ଖୋଜାଖୋଜି କରିଥିଲେ । ୧୭ ପ୍ଲାଷ୍ଟିକ ଡ୍ରମ୍‌ରେ ଦେଶୀମଦ ପୋଚ ଲୁଚାଯାଇଥିବା ଦେଖିଥିଲେ । ଏହାକୁ ଗ୍ରାମବାସୀ ଢାଳି ନଷ୍ଟ କରିଥିଲେ । ପୋଲିସ ଓ ଅବକାରୀ ଟିମ୍‌ର କାର୍ଯ୍ୟାନୁଷ୍ଠାନ ନେଇ ଗ୍ରାମବାସୀ ସନ୍ଦେହ କରିଛନ୍ତି । ଚଢ଼ାଉ ଟିମ୍ ଭାଟି ମାଲିକଙ୍କୁ ଭାଟିରେ ଗଚ୍ଛିତ ସାମଗ୍ରୀ ଲୁଚାଇବାକୁ ସହଯୋଗ କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଦେଶୀ ମଦଭାଟି ଯୋଗୁ ଗ୍ରାମ ପରିବେଶ ଅଶାନ୍ତ ଥିବା ଗ୍ରାମବାସୀ କହିଛନ୍ତି । ପୋଲିସ ଓ ଅବକାରୀ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ତଦନ୍ତ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

ଦାଦନ ଖଟିବାକୁ ଯାଉଥିବା ବେଳେ ୯ଜଣ ନାବାଳିକା ଉଦ୍ଧାର

ନବରଙ୍ଗପୁର(ଅମୃତ ମିଡିଆ): ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ୯ଜଣ ନାବାଳିକାକୁ ଉଦ୍ଧାର କଲା ପୋଲିସ । ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରୁ ୯ଜଣ ନାବାଳିକା ଉଦ୍ଧାର । ବାହାର ରାଜ୍ୟକୁ ଦାଦନ ଖଟିବା ନିମନ୍ତେ ଦଲାଲର ଗାଡିକୁ ଡାବୁଗାଁ ବ୍ଲକ ସରାଗୁଡା ଛକ ନିକଟରେ ଅପେକ୍ଷା କରିଥିଲେ ନାବାଳିକା । ଜିଲ୍ଲା ଶ୍ରମିକ ସଭାପତି ସନାତନ ସାହୁଙ୍କୁ ସନ୍ଦେହ ହେବାରୁ ତୁରନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରିଥିଲେ । ସ୍ଥାନୀୟ ପୋଲିସକୁ ଘଟଣା ବିଷୟରେ ସୂଚନା ଦେଇଥିଲେ । ଖବର ପାଇ ଡ଼ାବୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୯ଜଣ ନାବାଳିକାଙ୍କୁ ଉଦ୍ଧାର କରି ଥାନାରେ ରଖିଛନ୍ତି । ଶ୍ରମିକମାନଙ୍କୁ କେଉଁଠି ଏବଂ କେଉଁ କାମ ପାଇଁ ନିଆଯାଉଥିଲା ସେନେଇ ପୋଲିସ ତଦନ୍ତ ଜାରି ରଖିଛି । ଉଦ୍ଧାର ହୋଇଥିବା ଶ୍ରମିକଙ୍କ ବୟାନ ଆଧାରରେ ଘଟଣାର ଅଧିକ ଖୋଳତାଡ଼ ଚାଲିଛି ।ପୋଲିସ ଆସିବା ପୂର୍ବରୁ ଘଟଣା ସ୍ଥଳରୁ ଦଲାଲ ଫେରେର ହୋଇଯାଇଛି । ଘଟଣାକୁ ନେଇ ପୋଲିସ ପ୍ରତିକ୍ରିୟା ମିଳିପାରିନାହିଁ ।

ତେଜିଲା ମହିଳାଙ୍କ ମଦ ବନ୍ଦ ଅଭିଯାନ

ନବରଙ୍ଗପୁର(ଅମୃତ ମିଡିଆ): ନବରଙ୍ଗପୁର ଜିଲ୍ଲାରେ ମହିଳାଙ୍କ ନେତୃତ୍ୱରେ ଦେଶୀମଦ ବନ୍ଦ ଆନ୍ଦୋଳନ ଗାଁକୁ ଗାଁ ବ୍ୟାପିବାରେ ଲାଗିଛି । ଶୁକ୍ରବାର ଡାବୁଗାଁ ବ୍ଲକ୍ ନୂଆକୋଟ ଗାଁର ଶତାଧିକ ମହିଳା କାଦମ୍ବିନୀ ତ୍ରିପାଠୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଏହି ମର୍ମରେ ଦାବିପତ୍ର ଦେବା ପାଇଁ ଆସିଥିଲେ । ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ମହିଳାମାନେ ଅଡ଼ି ବସିଥିଲେ । ନଚେତ ଅତିରିକ୍ତ ଜିଲ୍ଲାପାଳ ଆସି ଗ୍ରହଣ କରିବାକୁ ଦାବି କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଆସିବାରେ ବିଳମ୍ବ ହେବାରୁ ଦାବିପତ୍ର ଦେବା ଲାଗି ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟକୁ ଧସେଇ ପଶିଥିଲେ । ପୁଲିସ ସେମାନଙ୍କୁ ଅଟକାଇବାରୁ କିଛି ସମୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ଦେଖାଯାଇଥିଲା । ସରକାର ଓ ପ୍ରଶାସନ ବିରୋଧରେ ନାରା ଦେଇଥିଲେ ଆନ୍ଦୋଳନକାରୀ ମୁନା ତ୍ରିପାଠୀ । ଏସଆଇ ସୀମା ଲାକ୍ରା, ଅବକାରୀ ଇନ୍‌ସପେକ୍ଟର ଦିଲ୍ଲୀପ ରଥ ମହିଳାଙ୍କୁ ବୁଝାସୁଝା କରିଥିଲେ । ପରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାଶ, ଥାନା ଅଧିକାରୀ ସସ୍ମିତ କୁମାର ବେହେରା ମହିଳାଙ୍କ ନିକଟକୁ ଆସି ଆଲୋଚନା କରିଥିଲେ । ନୂଆକୋଟ ପଞ୍ଚାୟତରେ ଚଢ଼ଉକୁ ଜୋରଦାର କରି ଦେଶୀମଦ ରନ୍ଧା ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ପାପଡ଼ାହାଣ୍ଡି ବ୍ଲକ୍‌ର ଗାଦବାକତରା ଗାଁର ମହିଳା ରାଜେଶ ଜାନୀଙ୍କ ନେତୃତ୍ୱରେ ଆସି ଧାରଣା ଦେଇଥିଲେ । ଦାବିପତ୍ରକୁ ଅବକାରୀ ଇନ୍‌ସପେକ୍ଟର ଗ୍ରହଣ କରିଥିଲେ ।

ଚାମେଲିଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ ସମାବେଶ

ମହାକାଳପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବିଡ଼ିଓ ଚାମ୍ବରରେ ତିଖିରୀ ସରପଞ୍ଚ ଚାମେଲୀ ଓଝା ଭିଡ଼ିଓ ରେକର୍ଡକୁ ନେଇ ବିଡ଼ିଓ ରବି ନାରାୟଣ ଆଚାର୍ଯ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତି କରି ସରପଞ୍ଚ ଓଝାଙ୍କପୋଲିସ ଉଠାଇ ନେଇ ଥିଲା । ପରେ ଏ ନେଇ ଥାନାରେ ସରପଞ୍ଚ ଓଝାଙ୍କୁ ପୋଲିସ ମାଡ଼ ମାରି ଥିବା ନେଇ ଏସପି ଙ୍କ ନିକଟରେ ଓଝା ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ରାଜ୍ୟ ରାଜନୀତି ଉଷ୍ମତା ପ୍ରକାଶ ପାଇଛି । ଜାତୀୟ କଂଗ୍ରେସ ଦଳ ପକ୍ଷରୁ ସରପଞ୍ଚ ଓଝାଙ୍କୁ ନ୍ୟାୟ ଦେବା ପାଇଁ ଦଳ ପକ୍ଷରୁ ଶନିବାର ଦିନ ଥାନା

ସମ୍ମୁଖରେ ଜିଲାସ୍ତରୀୟ ବିକ୍ଷୋପ ପ୍ରଦର୍ଶନ କରିଛନ୍ତି । ଅପରପକ୍ଷରେ ସରପଞ୍ଚ ଓଝା ନ୍ୟାୟ ଆଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ପତ୍ର ମାଧ୍ୟମରେ ଜଣାଇଛନ୍ତି ବୋଲି କହିଛନ୍ତି ସରପଞ୍ଚ ଚାମେଲି ଓଝା । ମୁଖ୍ୟମନ୍ତ୍ରୀ ମାଝୀ ମହିଳା ସରପଞ୍ଚଙ୍କୁ କି ପ୍ରକାର ନ୍ୟାୟ ଦେଉଛନ୍ତି, ତାହା ଓଡ଼ିଶାବାସୀ ଅପେକ୍ଷା କରିଛନ୍ତି ବୋଲି କୁହାଯାଉଛି । ଜିଲା କଂଗ୍ରେସ ସଭାପତି ଡା.ଦେବସ୍ମିତା ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ପ୍ରାକ୍ତନ ବିଧାୟକ ସିପ୍ରା ମଲିକ, ଜିଲାର ବିଭିନ୍ନ ପ୍ରାନ୍ତରରୁ ଯୋଗଦେଇଥିବା ବରିଷ୍ଠ କଂଗ୍ରେସ ନେତାମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇଛି । ଚାମେଲିଙ୍କୁ ନ୍ୟାୟ ନ ଦେବା ପର୍ଯ୍ୟନ୍ତ କଂଗ୍ରେସ ରଣହୁଙ୍କାର ଦେବାନେଇ ଚେତାବନୀ ଦେଇଛନ୍ତି । ଉପସ୍ଥିତ ଥିବା ପ୍ରଫୁଲ୍ଲ ଦାସ, ବସନ୍ତ ସେଠୀ, ସିକ୍ଷାନୁ ଲେଙ୍କା, ବାବାଜୀ ବେହେରା, ଉପେନ୍ଦ୍ର ନାଥ ବେହେରା, ପ୍ରଭାସ ଦାସ, ରାଜକିଶୋର ପ୍ରଧାନ, ବ୍ଲକ ସଭାପତି ଚିତ୍ତରଞ୍ଜନ, ପ୍ରମୋଦ କୁମାର ସ୍ୱାଇଁ, ପ୍ରଣବ ନାୟକଙ୍କ ସମେତ ବହୁ ସଂଖ୍ୟାରେ କଂଗ୍ରେସ ଦଳର କର୍ମୀମାନେ ଉପସ୍ଥିତ ଥିଲେ । ଅପର ପକ୍ଷରେ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଚାମେଲିଙ୍କୁ ସ୍ୱତନ୍ତ୍ର ପୋଲିସ ଟିମ ଉଠାଇ ନେଇଛି ବୋଲି କହିଛନ୍ତି ଜିଲା କଂଗ୍ରେସ ସଭାପତି ଡ଼ା ଦେବସ୍ମିତା ଶର୍ମାଙ୍କ ଅଭିଯୋଗ କରିଛନ୍ତି ।

କାଦୋପଡ଼ାରେ ସୋଲାର ପ୍ଲାଣ୍ଟକୁ ବିରୋଧ କରି ବୈଠକ

ରିଆମାଳ(ଅମୃତ ମିଡିଆ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ମଳେହିପଡା ପଞ୍ଚାୟତ ଅନ୍ତର୍ଗତ କାଦୋପଡା ଗ୍ରାମରେ ସରକାରଙ୍କ ପକ୍ଷରୁ ସୋଲାର ପ୍ଲାଣ୍ଟ ହେବାକୁ ସ୍ଥିର ହୋଇଥିବା ବେଳେ ଏହାକୁ ଜୋରଦାର ବିରୋଧ କରାଯାଇଛି । ଗତ ଜୁନ୍ ୩ ତାରିଖ ଦିନ ଗ୍ରାମରେ ରାଜସ୍ୱବିଭାଗ ଆସି ଚହ୍ନଟ କରିବା ପାଇଁ ଆସିଥିଲେ । ହେଲେ ଗ୍ରାମବାସୀ ଦୃଢ଼ ପ୍ରତିବାଦ କରିଥିଲେ । ଯାହା ଫଳରେ ପୁଲିସ ପ୍ରଶାସନ ସହାୟତାରେ ଚିହ୍ନଟ କରିଯିବା ପରେ ଶୁକ୍ରବାର ଶହ ଶହ ଗ୍ରାମ ଲୋକେ ଏକତ୍ରିତ ହୋଇ ବୈଠକ କରିଥିଲେ ।ଧରଣୀଧର ଦେହୁରୀ ଓ ରେଖା ପ୍ରଧାନଙ୍କ ଆବାହକତ୍ୱରେ ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଜିଲ୍ଲା କୃଷକ ସଭାପତି ପ୍ରମୋଦ କୁମାର ଝାର୍କ,ଜିଲ୍ଲା ଜଙ୍ଗଲ ମଞ୍ଚ ସମ୍ପାଦକ ହିରାଧର୍ ସାହୁ ,ଆଦିବାସୀ ନେତା ନିରାକାର ପ୍ରଧାନ, ସମାଜସେବୀ ମିଳନ କୁମାର ପ୍ରଧାନ,ସ୍ଥାନୀୟ

ସରପଞ୍ଚରୁନୁ ବେହେରା ଯୋଗ ଦେବା ସହିତ କାଦୋପଡା ଏବଂ ମହୁଲନାଳୀ ସାହିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ବୈଠକରେ ସମସ୍ତଙ୍କ ସହମତିରେ ମରିମୁ ପଛେ ଭିଟାମାଟିତଥା ଜମି ଛାଡିବୁ ନାହିଁ, ଦରକାର ପଡ଼ିଲେ ଲଢ଼େଇ କରିବୁ ବୋଲି ଚେତାବନୀ ଦେଇଛନ୍ତି । ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି । ଏଥିପାଇଁ ମିଳିତ ମଞ୍ଚ ଏକ କମିଟି ଗଠନ କରାଯାଇ ସର୍ବସମ୍ମତି କ୍ରମେ ସଭାପତି ଭାବେ ଏଜ୍ରା କୁଜୁର, ସମ୍ପାଦକ ରେଖା ପ୍ରଧାନ,ଉପସଭାପତି ଧରଣୀଧର ଦେହୁରୀଙ୍କୁ ଭାବେ ବିବେଚିତ କରାଯାଇଅଛି । ପ୍ରାପ୍ତ ସୂଚନା ଅନୁସାରେ ଉଷା କୋଠି ଅଭୟାରଣ୍ୟ ଜଙ୍ଗଲରୁ ୧୯୨୩ ମସିହା ଚିଠି ନମ୍ବର ୮୩ ଡିସିଜନ ଭାବରେ ପ୍ରଥମେ ୧୯୫୫ – ୧୯୮୮ ଓ ୧୯୯୮ ବିସ୍ଥାପିତ ହୋଇ ୨୫ ପରିବାର କାଦୋପଡା ଗ୍ରାମର ମହୁଲିନାଳି ଗ୍ରାମରେ ବସବାସ କରୁଛନ୍ତି ।

ଜାଲ୍ ସାର୍ଟିଫିକେଟରେ ଠିକାରେ ଷ୍ଟାଫ ନର୍ସ ନିଯୁକ୍ତିରେ ବଡ଼ ଘୋଟାଲା

ଅନୁଗୁଳ(ଅମୃତ ମିଡିଆ) : ତାଳଚେର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍ ରେ ଜାଲ୍ ସାର୍ଟିଫିକେଟରେ ଶତାଧିକ ଷ୍ଟାଫ୍ ନର୍ସଙ୍କୁ ନିଯୁକ୍ତି ଦେଇ ରୋଗୀଙ୍କ ଜୀବନ ସହ ଖେଳିଥିବା ଠିକା ସଂସ୍ଥା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଜିଲ୍ଲା ପ୍ରଶାସନ । ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତର ଠିକାସଂସ୍ଥା ଝାଡ଼ଖଣ୍ଡର 'ମେସର୍ସ କମାଣ୍ଡୋ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ ଲିମିଟେଡ'କୁ ସ୍ଥାୟୀ ଭାବରେ ନିଷିଦ୍ଧ ଏବଂ କଳା ତାଲିକାଭୁକ୍ତ କରିଛନ୍ତି । ଘଟଣାର ଗମ୍ଭୀରତା, ବିଶ୍ୱାସ ଭଙ୍ଗ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ବିପଦକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଜାଲ୍ ସାର୍ଟିଫିକେଟ୍ ରେ ଠିକାରେ ଷ୍ଟାଫ୍ ନର୍ସ ନିଯୁକ୍ତି ଘଟଣା ପଦାକୁ ଆସିବା ପରେ ଜିଲ୍ଲା ପ୍ରଶାସନ ଓ ଏମ୍‌ସିଏଲ୍ ପକ୍ଷରୁ ତଦନ୍ତ ଚାଲୁରହିଛି । ନିକଟରେ ସ୍ୱତନ୍ତ୍ର ତଦନ୍ତ କମିଟି ଦ୍ୱାରା ଷ୍ଟାଫନର୍ସମାନଙ୍କ ପ୍ରମାଣପତ୍ର ଯାଞ୍ଚ ଶେଷ ହୋଇଛି ।

ପୋଲିସ ପକ୍ଷରୁ ଗୋମାଫିଆଙ୍କ ଘରେ ଚଢ଼ଉ ଆରମ୍ଭ

ଭଦ୍ରକ(ଅମୃତ ମିଡିଆ): ଲୋକଙ୍କ ସରକାରରେ ରାଜ୍ୟରେ ଗୋତସ୍କରଙ୍କ ସ୍ଥାନ ନାହିଁ । ଏହିକ୍ରମରେ ସକାଳୁ ସକାଳୁ ଠାରୁ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜର ବିଭିନ୍ନ ସ୍ଥାନରେ ଗୋ ମାଫିଆଙ୍କ ଘରେ ଚଢ଼ାଉ ଚାଲିଛି । ତେବେ ମୟୂରଭଞ୍ଜଜିଲ୍ଲା ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କ ନେତୃତ୍ୱରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ବଡ଼ସାହି ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ, ବେତନଟୀ ଆଇଆଇସି କ୍ରିଷ୍ଣା ପିଙ୍ଗୁଆ, ମୋରଡା ଆଇଆଇସି ସୁମିତ ସୋରେନଙ୍କ ସମେତ ୨ପ୍ଲାଟୁନ ଫୋର୍ସ ଶନିବାର ସକାଳେ ବାଲେଶ୍ୱର ଜିଲ୍ଲା ସୀମାବର୍ତ୍ତୀ ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତର ଗୋବିନ୍ଦରାୟପୁର, ତାଳପଦା ଅଂଚଳରେ ଦୀର୍ଘ ବର୍ଷ ଧରି ବେଆଇନ ଗୋତସ୍କରୀ କାର୍ଯ୍ୟକଳାପରେ ଲିପ୍ତ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କ ଘର ଏକ ବଡ଼ ଧରଣର ଚଢ଼ାଉ କରିଥିବା ବେଳେ ଏହି ମାଫିଆଙ୍କ ଘରୁ ନଗଦ ଟଙ୍କା, ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ସମେତ ଜମିଜମା ସମ୍ବନ୍ଧୀୟ ଏକାଧିକ କାଗଜପତ୍ର ଜବତ କରିଛି । ସୂଚନା ମୁତାବକ ବିଶ୍ୱସ୍ତ ସୂତ୍ରରୁ ସୂଚନା ସଂଗ୍ରହ କରି ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ମିନତୀ ବିଶ୍ୱାଳଙ୍କ



ନେତୃତ୍ୱରେ ବେତନଟୀ, ମୋରଡା, ବଡସାହି ଏବଂ ବୈଶିଙ୍ଗା ଥାନା ପୁଲିସର ଏକ ମିଳିତ ଟିମ ଆଜି ସକାଳୁ ବେଆଇନ ଗୋଚାଲାଣରେ ସମ୍ପୃକ୍ତ ଗୋବିନ୍ଦରାୟପୁର ଗ୍ରାମର ଆସିକୁର ରେହମାନ ଔରଫ ଫକୀର ଓ ତାଳପଦା ଗ୍ରାମର ମଲ୍ଲିକ ଉସ୍ତାର ଔରଫ ଡାକ୍ତର ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ଚାଲିଛି ଚଢ଼ାଉ । ଘରେ ପୁଲିସ ଖାନତଲାସ କରି ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର, ନଗଦ ଟଙ୍କା ସମେତ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ଜରୁରୀ କାଗଜପତ୍ର ଜବତ କରିଛି । ଆଇନଶୃଙ୍ଖଳା ଦୃଷ୍ଟିକୋଣରୁ ଚଢ଼ାଉ ସମୟରେ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିଥିଲେ । ଅନ୍ୟପଟେ ଏହି ଚଢ଼ାଉରେ ମାଜିଷ୍ଟ୍ରେଟ ଭାବେ ବେତନଟୀ ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ସାମିଲ ଅଛନ୍ତି । ଚଢ଼ାଉ କରିଥିବା ସମୟରେ ଘରର ସମସ୍ତ କାଗଜପତ୍ର ସମେତ ଅନ୍ୟାନ୍ୟ ଦସ୍ତାବିଜ ଯାଞ୍ଚ କରାଯାଇଥିଲା । ସୂଚନାଯୋଗ୍ୟ ଯେ ପୂର୍ବରୁ ଗୋବିନ୍ଦରାୟପୁର ଗ୍ରାମରେ ଚଢ଼ାଉ କରାଯାଇ ଗୋଚାଲାଣକାରୀଙ୍କ ନିକଟରୁ ଶତାଧିକ ଗୋରୁ ଜବତ କରାଯାଇଥିଲା । ଗତ କିଛିଦିନ ଅନ୍ତର ପରେ ଭଦ୍ରକ ପୁଲିସ ପକ୍ଷରୁ ଗୋମାଫିଆଙ୍କ ଘରେ ଚଢାଉ ଆରମ୍ଭ ହୋଇଛି । ଗତକାଲି ବିଳମ୍ବିତ ରାତିରେ ଭଦ୍ରକ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ୬ ଜଣ ଗୋମାଫିଆଙ୍କ ଘରେ ଅଚାନକ ଚଢ଼ାଉ କରାଯାଇଥିଲା । ଭଦ୍ରକ ଟାଉନ ଥାନା ଅଧୀନ ୩ଟି ସ୍ଥାନ ଓ ଭଦ୍ରକ ପୁରୁଣା ବଜାର ଥାନା ଅଧିନ ୩ଟି ସ୍ଥାନରେ ପୁଲିସର ଚଢ଼ାଉ ହୋଇଛି । ଏହି ଘଟଣାରେ ୨ ଗୋ ମାଫିଆ ଗିରଫ ହୋଇଛନ୍ତି । ସେମାନଙ୍କ ନିକଟରୁ ଟଙ୍କା, ସୁନା, ବ୍ୟାଙ୍କ ପାସ ବୁକ ଜବ୍ତ କରାଯାଇଛି । ଏହି ଗୋମାଫିଆଙ୍କର ଅନ୍ୟ ସବୁ ସ୍ଥାନରେ ଚଢ଼ାଉ ଜାରି ରହିଛି । ପୁଲିସ ପକ୍ଷରୁ ତଦନ୍ତ ଜାରି ରହି ଥିବା ବେଳେ ଏହି ଘଟଣାରେ ଆଉ ଯେଉଁମାନଙ୍କର ସଂପୃକ୍ତି ରହିଛି ତାର ଖୋଳତାଡ ଚାଲୁଛି । ଭଦ୍ରକର ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ଏହି ୬ଟି ସ୍ଥାନରେ ଚଢ଼ାଉ ହୋଇଥିଲା । ଦୁଇ ଗୋ ମାଫିଆ ହେଲେ ପୁରୁଣାବଜାର ଅଞ୍ଚଳର ଜାହିଦ ଖାନ (୧୯) ଓ ଭଦ୍ରକ ବୁଧବାର ହାଟ ଅଞ୍ଚଳର ମୁନୁ ଖାନ । ଏହି ଦୁଇ ଗୋ ମାଫିଆଙ୍କୁ ଗିରଫ କରାଯାଇଛି । ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି । ଏଣେ ଆଜି ସକାଳୁ ସକାଳୁ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ, କମର୍ଦା ଥାନା ଅଞ୍ଚଳର ଗୋମାଫିଆଙ୍କ ଘର ଉପରେ ଚଢ଼ାଉ କରାଯାଇଥିବା ଜଣାପଡିଛି । ଜିଲ୍ଲା ପୁଲିସର ୭ ଟି ଟିମ୍ ଉତ୍ତର ବାଲେଶ୍ୱର ଅଞ୍ଚଳ ଅଧୀନ ର ୧୦ ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି । ସାଢେ ୪ ପ୍ଲାଟୁନ ପୁଲିସ ଫୋର୍ସ ଏଥିରେ ନିୟୋଜିତ ଥିବା ଏସ୍ ପି ପ୍ରତ୍ୟୁଷ ଦିବାକର ସୂଚନା ପ୍ରଦାନ କରିଛନ୍ତି । ଆଉ କିଛି ସମୟ ପରେ ଚଢ଼ାଉ ଶେଷ ହେବ । ଏଠାରେ ଉଲ୍ଲେଖଯୋଗ୍ୟ, କିଛି ମାସ ତଳେ ସଦର ସମେତ ଜିଲ୍ଲା ଅନ୍ୟାନ୍ୟ ବ୍ଲକ ଅଞ୍ଚଳରେ ପୁଲିସ ପକ୍ଷରୁ ଗୋମାଫିଆଙ୍କୁ ସାବାଡ଼ କରାଯାଇଥିଲା ।

ପୋଲିସ କର୍ମଚାରୀ ମାଡ଼ ମାରିବା ଘଟଣା

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସରପଞ୍ଚ ଚାମେଲୀ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ତିଖିରି ପଞ୍ଚାୟତର ମହିଳା ସରପଞ୍ଚ ଚାମେଲୀ ଓଝା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଶୁକ୍ରବାର ଇ-ମେଲ୍ ଯୋଗେ ପଠାଇଛନ୍ତି । ଏଥିରେ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ବ୍ଲକ ଅଫିସ୍ ଯାଇଥିବା ସମୟରେ ଆକ୍ରମଣ ଘଟଣାକୁ ଉଲ୍ଲେଖ କରିବା ସହ ଏଥିରେ ବାଧକ ହୋଇଥିବା ସ୍ଥାନୀୟ ବିଧାୟକ ଓ ପ୍ରଶାସକଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି । ଏଥିସହ ଆସନ୍ତା ୭ ଦିନ ମଧ୍ୟରେ ଭେଟିବାକୁ ସମୟ ମାଗିଛନ୍ତି । ଚିଠିରେ ସେ ଉଲ୍ଲେଖ କରିଛନ୍ତି, ୨୦୧୭ରୁ ସେ ଭାଜପାର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଦଳୀୟ କାର୍ଯ୍ୟକ୍ରମ ସହ ଦଳର ହିତକୁ ସର୍ବଦା ଆଗରେ ରଖିଛନ୍ତି । ତେବେ ଜଣେ ଝିଅ ଭାବେ ଦଳୀୟ କାର୍ଯ୍ୟ କରୁଥିବା ବେଳେ ମହାକାଳପଡା ବିଧାୟକ ତାଙ୍କଠାରୁ ଅନେକ କିଛି ପାଇବାକୁ ଆଶା କରିଥିଲେ । ମାତ୍ର ସମ୍ମାନକୁ ଦୃଷ୍ଟିରେ ରଖି ବିଧାୟକଙ୍କ ଆଶା ପୂରଣ କରିବାରେ ବିଫଳ ହୋଇଛନ୍ତି । ସେଥିପାଇଁ ବିଧାୟକ ଓ ତାଙ୍କ ସମର୍ଥକମାନେ ନିର୍ଯାତନା ଦେଇ ଆସୁଛନ୍ତି । ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ଆସୁଥିବା ପାଣ୍ଠିକୁ ବନ୍ଦ କରିଦିଆଯାଇଛି । ଏନେଇ ବ୍ଲକକୁ ଯାଇ ଆଲୋଚନା ସମୟରେ ବିଡିଓ ବାରମ୍ବାର ବିଧାୟକଙ୍କ କଥା ବୁଝ ବୋଲି କହୁଛନ୍ତି । ୧୧ ତାରିଖରେ ପଞ୍ଚାୟତ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବ୍ଲକକୁ ଯାଇଥିବା ବେଳେ ବିଡିଓଙ୍କ ଇସାରାରେ ବିଧାୟକଙ୍କ ସମର୍ଥକମାନେ ଅଶ୍ଳୀଳ ଭାଷା କହିବା ସହ ଗଣବଳାତ୍କାର କରିବାକୁ ଧମକ ଦେଇଥିଲେ । ସେହିପରି ପୋଲିସ ଗାଡ଼ିରେ ଯାଉଥିବା ବେଳେ ପୋଲିସ କର୍ମଚାରୀ ମାଡ଼ ମାରିବା ସହ ମୋବାଇଲ ଫୋନ୍ ଛଡ଼ାଇ ନେଇଛନ୍ତି । ଥାନାରେ ମିଛ କେସ୍ ଦେଇ ଜେଲରେ ପୂରାଇ ଦେବାକୁ ଧମକ ଦେବା ସହ ବିଧାୟକଙ୍କ ସହ ମିଳିମିଶି କାମ କର ବୋଲି କହିଛନ୍ତି । ସମସ୍ତଙ୍କ କାର୍ଯ୍ୟକଳାପର ପ୍ରମାଣ ରଖିଥିବାରୁ ମୋବାଇଲ ଫୋନ୍ ଦେଇନାହାନ୍ତି । ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସରପଞ୍ଚ ଓଝା ମୁଖ୍ୟମନ୍ତ୍ରୀଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି, ବିଡିଓ ରବି ନାରାୟଣ ଆଚାର୍ଯ୍ୟ ସରକାରୀ କାର୍ଯ୍ୟ କରୁଥିବା ବେଳେ ସରପଞ୍ଚ ଓଝା ନିରନ୍ତର ଭିଡିଓ କରୁଥିଲେ । ଫଳରେ କାର୍ଯ୍ୟାଳୟରେ ଏକ ବିରକ୍ତିକର ପରିବେଶ ସୃଷ୍ଟି ହେବାରୁ ଥାନାରେ ଅଭିଯୋଗ ପତ୍ର ଦେଇଛନ୍ତି । ଥାନାରେ କୌଣସି ଥାର୍ଡ ଡିଗ୍ରୀ ହୋଇ ନଥିବା ସମ୍ପର୍କରେ ସେ ସିସିଟିଭି ଫୁଟେଜ ଜାରି କରିଛନ୍ତି । ଏହି ଘଟଣା ଏବେ ରାଜ୍ୟରେ ବେଶ୍ ଚର୍ଚ୍ଚିତ ହେବାରେ ଲାଗିଛି । ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଭିନ୍ନ ଅଞ୍ଚଳର ଜନନେତା, ବୁଦ୍ଧିଜୀବୀ ଏହି ଘଟଣାକୁ ନିନ୍ଦା କରିଛନ୍ତି । ମହିଳା ଜନପ୍ରତିନିଧିତ୍ୱକୁ ନେଇ ରାଜ୍ୟ ସରକାରଙ୍କ ଶାସନ ବ୍ୟବସ୍ଥା ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠାଇଛନ୍ତି । ଗତ ସନ୍ଧ୍ୟାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସରପଞ୍ଚ ଓଝାଙ୍କୁ ଚିକିତ୍ସାଳୟରେ ଭେଟିଥିଲେ । ଶୁକ୍ରବାର ପୂର୍ବାହ୍ନରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଜିଲା କଂଗ୍ରେସ ସଭାନେତ୍ରୀ ଡା. ଦେବସ୍ମିତା ଶର୍ମା ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ଏଥିସହ ସରକାରୀ ଶାସନ ବ୍ୟବସ୍ଥାକୁ ସେମାନେ କଟୁ ସମାଲୋଚନା କରିଛନ୍ତି । ସେହିପରି ଏହି ଘଟଣାକୁ ନେଇ ନ୍ୟାୟ ପାଇଁ ଲଢ଼େଇ ପରିବାର ସଙ୍ଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବାଧିକାର କମିଶନର ଦ୍ୱାରସ୍ଥ ହୋଇଛନ୍ତି । ସରପଞ୍ଚ ଓଝାଙ୍କୁ ନ୍ୟାୟ ଦେବା ପାଇଁ ସେ ଅଭିଯୋଗ ପତ୍ର (ନଂ-୧୩୩୯୬/୨୦୨୬) ଦେଇଛନ୍ତି ।